শরাফত হুসেন্ (মৃতক) এল্.আর্.এস্. মাধ্যমরে

বনাম

মহম্মদ শফিক্ এবং অন্যমানে

সেপ্টেম্বর 2,1996

[কে. রামাস্বামী এবং জি.বি. পট্টনায়ক, ন্যায়মূর্ত্তিদ্বয়]

*দেওয়ানী প্রক্রিয়া সংহিতা, 1908/তমাদি অধিনিয়ম, 1963:*

*আইনগত প্রতিনিধিমানঙ্কু নথিরে আণিবারে বিলম্ব – অপিল বিচারাধীন থিবা সময়রে একমাত্র অপিলকারী মৃত্যুবরণ করিথিলে – উপশম করি অপিলকু খারজ করিদিআযাইথিলা – উপশমকু রদ্দ করিবা, আবেদন দাখল করিবারে বিলম্বকু ক্ষমাদান এবং আইনগত প্রতিনিধিমানঙ্কু নথিরে আণিবা পাইঁ অনুরোধ করি আবেদন দাখল করাযাইথিলা – উপযুক্ত ব্যাখ্যা প্রদান করিবারে বিফলতা যোগুঁ খারজ করিদিআযাইছি – তথ্যর বিচার করি অপিলরে দর্শাযাইছি যে, বিলম্ব ঘটিথিলা কারণ মৃতক-অপিলকারীঙ্ক পাইঁ অধিবক্তা যোগাযোগ করিপারিনথিলে এবং আইনগত প্রতিনিধিমানে অপিল বিষয়রে অবগত নথিলে, ফলস্বরূপ উপশম হোইথিলা, বিলম্বকু ক্ষমা করাযাইছি – আইনগত প্রতিনিধিমানঙ্কু নথিরে অণাযাইথিলা – উচ্চ ন্যায়ালয় যেতে সত্বর সম্ভব অপিলর পরিসমাপ্তি করিবাকু অনুরোধ করিথিলে ।*

দেওয়ানী অপিল অধিকারিতা : দেওয়ানী অপিল সংখ্যা 12261/1996 ।

আর্.এফ্.এ. সংখ্যা 118/1987 রে সি.এম্.পি. সংখ্যা 534/92 রে দিল্লী উচ্চ ন্যায়ালয়ঙ্ক তা 25.7.95 রিখর রায় এবং আদেশরু ।

অপিলকারীমানঙ্ক পাইঁ মনোজ স্বরূপ, এস্. ললিতা কোহলি, মনোজ কু. মিশ্র এবং সি. সিদ্ধার্থ ।

উত্তরদাতা সংখ্যা 2 ঙ্ক পাইঁ শ্রী নারায়ণ এবং যশওনিত মাথুর ।

উত্তরদাতা 3 ঙ্ক পাইঁ সুশ্রী প্রিয়া হিঙ্গোরানী ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ମଞ୍ଜୁର କରାଗଲା ।

ଆମେ ଉଭୟ ପକ୍ଷଙ୍କ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ସି ଏମ୍ ପି ସଂଖ୍ୟା 534/92 ରେ ଜୁଲାଇ 25,1995 ରେ କରାଯାଇଥିବା ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରୁ ଉତ୍ପନ୍ନ ହୋଇଥିଲା ଯେଉଁଥିରେ ଏହା ଦର୍ଶାଯାଇଥିଲା ଯେ, ଅପିଲଟି ଆଇନତଃ ଶୁଣାଣି ଯୋଗ୍ୟ ନଥିଲା ଏବଂ ଫଳସ୍ୱରୂପ ଏହାକୁ ଖାରଜ କରାଯାଇଥିଲା ।

ଗୁଣବତ୍ତା ଆଧାରରେ ତଥ୍ୟ ଉପରେ ବିସ୍ତାର କରିବା ଆବଶ୍ୟକ ନୁହେଁ । ଏହା କହିବା ଯଥେଷ୍ଟ ଯେ, ଉଚ୍ଚ ନ୍ୟାୟାଳୟରେ ପ୍ରଥମ ଅପିଲ ବିଚାରାଧୀନ ଥିବାବେଳେ, ଏକମାତ୍ର ଅପିଲକାରୀ ଡିସେମ୍ବର 1,1990 ରେ ମୃତ୍ୟୁବରଣ କରିଥିଲେ । ଅଗଷ୍ଟ 5, 1991ରେ ଉତ୍ତରଦାତାମାନଙ୍କ ପାଇଁ ଅଧିବକ୍ତାଙ୍କ ଦ୍ୱାରା ମୃତ୍ୟୁର ସୂଚନା ଦିଆଯାଇଥିଲା, କିନ୍ତୁ ଅଧିବକ୍ତାଙ୍କ ପକ୍ଷରୁ ତାଙ୍କ ଦ୍ୱାରା ତାଙ୍କ ସତ୍ୟପାଠରେ ଶପଥ କରାଇଥିବା କାରଣରୁ ହୋଇଥିବା ବିଳମ୍ବ ହେତୁ ଆବେଦନ ଦାଖଲ ହୋଇ ପାରିନଥିଲା । ଫଳସ୍ୱରୂପ, ଅପିଲଟି ଆଇନତଃ ଶୁଣାଣି ଯୋଗ୍ୟ ନ ହୋଇ ନଭେମ୍ବର 18,1991ରେ ଖାରଜ ହୋଇଯାଇଥିଲା । ତା'ପରେ ମେ 4, 1992 ରେ ଏକ ଆବେଦନ ଦାଖଲ କରାଯାଇଥିଲା, ଯେଉଁଥିରେ ଆଇନତଃ ଶୁଣାଣି ଅଯୋଗ୍ୟକୁ ରଦ୍ଦ କରିବା, ଆବେଦନ ଦାଖଲ କରିବାରେ ବିଳମ୍ବକୁ କ୍ଷମାଦାନ ଏବଂ ଏକମାତ୍ର ଅପିଲକାରୀଙ୍କ ଆଇନଗତ ପ୍ରତିନିଧିମାନଙ୍କୁ ନଥିରେ ଆଣିବା ପାଇଁ ଅନୁରୋଧ କରାଯାଇଥିଲା । ଉପଯୁକ୍ତ ବ୍ୟାଖ୍ୟା ଦେବାରେ ବିଫଳ ହୋଇଥିବାରୁ ସେହି ଆବେଦନକୁ ଖାରଜ କରାଯାଇଥିଲା । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ।

ମୃତକ-ଅପିଲକାରୀଙ୍କ ପାଇଁ ଅଧିବକ୍ତା ତାଙ୍କ ସତ୍ୟପାଠରେ ଏହିପରି କହିଛନ୍ତି:

> "ଯେହେତୁ ମୋ ପାଖରେ ଅପିଲକାରୀମାନଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ଠିକଣା ନଥିଲା, ଏପରିକି ସେମାନେ ସେହି ଘରେ ରହୁଥିଲେ ଯେଉଁଠାରେ ମୃତକ ଫାଟକ ହବାଶ ଖାନରେ ବାସ କରୁଥିଲେ, ମୁଁ ସେମାନଙ୍କ ସହ ସମ୍ପର୍କ ସ୍ଥାପନ କିମ୍ବା ଯୋଗାଯୋଗ କରିପାରିଲି ନାହିଁ ଯେ, ସେମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତରାଧିକାରୀମାନଙ୍କ ପ୍ରତିସ୍ଥାପନ ପାଇଁ ଆବେଦନ ଦାଖଲ କରିବାକୁ ପଡ଼ିବ ।

ଏହା କେବଳ 4.5.1995 ରେ ହୋଇଥିଲା ଯେ, ମୃତକଙ୍କ ଆଇନଗତ ପ୍ରତିନିଧିମାନଙ୍କ ମଧ୍ୟରୁ ଜଣେ, ଶ୍ରୀ ମଜହର ହୁସେନ ଖରି ବାଓଲିରେ ମୋତେ ଭେଟିବା ପାଇଁ ସୁଯୋଗ ପାଇଥିଲେ, ମୁଁ ତାଙ୍କୁ ତାଙ୍କ ସ୍ୱର୍ଗତ ପିତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅପିଲ ବିଷୟରେ ଓ ତାହା ଶୁଣାଣି ଅଯୋଗ୍ୟ ହେବା ଜଣାଇଥିଲି ଯାହା ବିଷୟରେ ସେ ସମ୍ପୂର୍ଣ୍ଣ ଅଜ୍ଞତା ବ୍ୟକ୍ତ କରିଥିଲେ ।"

ଫଳସ୍ୱରୂପ, ଆବେଦନଟି ମେ 4, 1992 ରେ ଦାଖଲ କରାଯାଇଥିଲା । ମୃତକ-ଏକମାତ୍ର ଅପିଲକାରୀଙ୍କ ପାଇଁ ଅଧିବକ୍ତାଙ୍କ ବିବୃତିକୁ ଦୃଷ୍ଟିରେ ରଖି ଯେ, ବିଳମ୍ବ ଘଟିଛି ଯେହେତୁ ସେ ମୃତ୍ୟୁର ଉତ୍ତରଦାତାମାନଙ୍କ ଦ୍ୱାରା ଜାରି କରାଯାଇଥିବା ସୂଚନାର ଆଇନଗତ ପ୍ରତିନିଧିମାନଙ୍କୁ ଯୋଗାଯୋଗ କରିପାରିନଥିଲେ ଏବଂ ଆଇନଗତ ପ୍ରତିନିଧିମାନେ ସ୍ପଷ୍ଟ ଭାବରେ ସେମାନଙ୍କ ପିତାଙ୍କ ଦ୍ୱାରା ଦାଖଲ ହୋଇଥିବା ଅପିଲ ବିଷୟରେ ଅବଗତ ନଥିଲେ, ଯାହା ଫଳରେ ଆଇନଗତ ପ୍ରତିନିଧିମାନଙ୍କୁ ନଥିରେ ନ ଆଣିପାରିବାରୁ, ଅପିଲଟିକୁ ଶୁଣାଣି ଅଯୋଗ୍ୟ କରାଯାଇଥିଲା ।

ଅପିଲକୁ ଅନୁମତି ଦିଆଯାଇଛି । ବିଳମ୍ବକୁ କ୍ଷମା କରାଯାଇଛି । ଶୁଣାଣି ଅଯୋଗ୍ୟ ଆଦେଶକୁ ରଦ୍ଦ କରାଯାଇଛି ।

ଆଇନଗତ ପ୍ରତିନିଧିମାନଙ୍କୁ ନଥିରେ ଆଣିବାରେ ବିଳମ୍ବକୁ କ୍ଷମା କରାଯାଇଛି । ଆଇନଗତ ପ୍ରତିନିଧିମାନଙ୍କୁ ନଥିରେ ଅଣାଯାଇଛି । ଏହି ଅପିଲକୁ ଯେତେ ସତ୍ୱର ସମ୍ଭବ ପରିସମାପ୍ତି ପାଇଁ ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରାଯାଇଛି । ବିନା ଖର୍ଚ୍ଚରେ ।

ଜି.ଏନ୍. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**